# ସୌଭାଗ୍ୟବନ୍ତ ମହାରଣା

ଜନ୍ମ: (୧୯୫୧-....) ମସିହା

ବିଗତ ତିନି ଦଶନ୍ଧି ଧରି କବିତାର କାରୁକାର୍ଯ୍ୟରେ ଆତ୍ମବିଭୋର ଥିବା କବି ସୌଭାଗ୍ୟବନ୍ତ ମହାରଣା ସମକାଳୀନ ଓଡ଼ିଆ କାବ୍ୟଧାରାରେ ଏକ ପ୍ରତିଭାବାନ୍ ସ୍ୱର । କବିଙ୍କର ଶବ୍ଦର ତଲ୍ଲୀନତା ଓ ଭାବର ଗଭୀରତା ପାଠକଙ୍କୁ ଯେ ମୁଗ୍ଧ କରିବ, କହିବା ବାହୁଲ୍ୟ ମାତ୍ର । ତାଙ୍କର ପୁସ୍ତକ-

**ମାଟିପର୍ବ,** ପୃଷ୍ଠା-୧୦୪, ପ୍ରକାଶକାଳ- ୨୦୦୮, ମୂଲ୍ୟ: ଟ.୬୦/-,

କବି ସୌଭାଗ୍ୟବନ୍ତ ମହାରଣାଙ୍କ ଦଶମ କବିତା ସଂକଳନ 'ମାଟିପର୍ବ' । ମାଟିର ମନ୍ତ୍ରପାଠ ଭିତରେ କାବ୍ୟପୁରୁଷର କୋମଳ ଓ କମନୀୟ ଅନୁଭବ ତଥା ଅନ୍ୱେଷା ବାରି ହୋଇପଡ଼େ ମାଟି ମନସ୍କତାର ପ୍ରାଞ୍ଜ ଚେତନାରେ । କବିଙ୍କ ଦୃଷ୍ଟିରେ ଏ ମାଟି ହିଁ କର୍ମଭୂମି ଓ ତ୍ୟାଗଭୂମି । ଏହି ସଂକଳନଟିରେ ୫୪ଟି କବିତା ସ୍ଥାନ ପାଇଛି । ବହୁ କବିତାରେ ଆଶାବାଦ ଓ ବିଷାଦବୋଧର ଅନ୍ତଃସ୍ୱର କବିଙ୍କୁ ଆଚ୍ଛନ୍ନ କରିବା ସହିତ ଅନ୍ତର୍ଦୃଷ୍ଟି, ଅନ୍ତର୍ଚେତନା ଓ ସୂକ୍ଷ୍ମ ଅବବୋଧର ବର୍ଣ୍ଣନା ଦେଖିବାକୁ ମିଳେ ।